# ଏପିସୋଡ ୪୯

## ଆମେ କେତେ ପ୍ରସ୍ତୁତ

ମୂଳ ଲେଖା: ନେହା ତ୍ରିପାଠୀ,

ଓଡିଆ ରୂପାନ୍ତରଣ: ସୃଜନିକା, ଭୁବନେଶ୍ୱର

ପାତ୍ର- ମିଶ୍ର- ପ୍ରଫେସର-୫୨ ବର୍ଷ

ମିତା- ଗୃହିଣୀ- ଆସ୍ଥମା ରୋଗୀ-୪୫ ବର୍ଷ

ଆଦିତ୍ୟ- ପୁଅ- ୧୯ ବର୍ଷ

ରାଜନ- ଜଳବାୟୁ ବିଜ୍ଞାନୀ- ୪୨ ବର୍ଷ

ରତି- ବିଜ୍ଞାନ ଲେଖକ- ୩୨ ବର୍ଷ

ଦୃଶ୍ୟ-୧ (ଦୂରରୁ ଜଣେ ଲୋକ କଥା କହୁଛନ୍ତି। ତାଳି ବାଜୁଛି ତା'ପରେ ଜୟ ଜୟକାର ହେଉଛି। ଲୋକମାନେ ବାହାରକୁ ଆସୁଛନ୍ତି, ଲୋକଙ୍କ କଥା, ଚଉକି ଘୁଞ୍ଚିବା ଆଦି ଶବ୍ଦ)।

ରାଜନ: ନମସ୍କାର ମିଶ୍ରବାବୁ। ଜଳବାୟୁ ପରିବର୍ତ୍ତନ ଏବଂ ଭାରତ ଉପରେ ଆପଣଙ୍କ ଭାଷଣ ପ୍ରେରଣାଦାୟକ ଥିଲା।

ମିଶ୍ର: ଧନ୍ୟବାଦ, ଜଳବାୟୁ ପରିବର୍ତ୍ତନ ଏବଂ ଭାରତ ଉପରେ ଆୟୋଜିତ ଏଭଳି ଚମତ୍କାର ଆଲୋଚନାଚକ୍ରକୁ ନିମନ୍ତ୍ରଣ କରିଥିବାରୁ ଧନ୍ୟବାଦ ଦେଉଛି। ତା'ସହିତ ଆପଣଙ୍କ ଆତିଥେୟତା ବି ବହୁତ ଭଲ ଲାଗିଲା।

ରାଜନ: ଏ ତ ଆମର ସୌଭାଗ୍ୟ, ନମସ୍କାର ମିତା ମ୍ୟାଡମ, କେମିତି ଅଛନ୍ତି ? ଆପଣଙ୍କୁ ଏ ସମ୍ମିଳନୀ କେମିତି ଲାଗିଲା ?

ମିତା: ବହୁତ ବଢ଼ିଆ ଅନୁଭୂତି ମିଳିଲା। ଡ. ମିଶ୍ରଙ୍କୁ ବାହା ହେବାର ଚାଳିଶ ବର୍ଷ ହୋଇଗଲା। ଏତେ ବର୍ଷ ତାଙ୍କ ସହ ରହିଲିଣି। ଏବେ ତ ଲାଗୁଛି ମୁଁ ନିଜେ ଜଣେ ଅଧା ବୈଜ୍ଞାନିକ ହୋଇଗଲିଣି। ଏଇଥିପାଇଁ ମୁଁ ସମ୍ମିଳନୀକୁ ଆସିବା ପାଇଁ ଜୋର ଦେଇଥିଲି। ଏ ହେଉଛି ଆମ ପୁଅ ଆଦିତ୍ୟ। ସେ ବିଜ୍ଞାନର ଛାତ୍ର। ଜଳବାୟୁ ଉପରେ ପଢ଼ାପଢ଼ି କରିବାରେ ତା'ର ବହୁତ ଆଗ୍ରହ।

ରାଜନ: ନମସ୍କାର ଆଦିତ୍ୟ। ଆମ ବିଷୟରେ ତମ ଆଗ୍ରହ ଦେଖି ଖୁସିଲାଗୁଛି।

ଆଦିତ୍ୟ: ନମସ୍କାର ମଉସା। ଏମିତି ବି ଜଳବାୟୁ କେବଳ ଆପଣଙ୍କ ବିଷୟ ନୁହେଁ, ଆମ ସମସ୍ତଙ୍କର ଏଥିପାଇଁ ଦାୟିତ୍ୱ ରହିଛି। ସେଥିପାଇଁ ଆମ ସମସ୍ତଙ୍କୁ ଏହାର ଦାୟିତ୍ୱ ନେବା ଜରୁରୀ।

ରାଜନ: ବହୁତ ବଢ଼ିଆ କଥା କହିଲ। ମତେ ଗର୍ବ ଲାଗୁଛି ଯେ ଆମର ଯୁବପିଢ଼ି ଏ ବିଷୟରେ ଚିନ୍ତିତ ଅଛନ୍ତି।

ଆଦିତ୍ୟ: କାହିଁକି ନୁହେଁ ମଉସା, ଜଳବାୟୁ ପରିବର୍ତ୍ତନ ଆମର ପ୍ରାକୃତିକ ସଂସାଧନ, ଆର୍ଥିକ ଗତିବିଧି, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଭୌତିକ ଢାଞ୍ଚା ଉପରେ ଏକ ନାଟକୀୟ ପ୍ରଭାବ ପକାଇପାରେ। ମୁଁ ଭଲଭାବରେ

ବୁଝିପାରୁଛି ଜଳବାୟୁ ପରିବର୍ତ୍ତନର ପ୍ରଭାବ ପାଇଁ ଭାରତ ଦୁନିଆର ଦୁର୍ବଳ ଦେଶମାନଙ୍କ ଭିତରୁ ଗୋଟିଏ।

ମିଶ୍ର: ଭାରତ ଭଳି ବିକାଶଶୀଳ ଦେଶ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ଉଷ୍ମାୟନ ଭଳି ଦୁଇଟା ବୋଝର ସାମନା କରୁଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱସ୍ତରରେ ସବୁଠାରୁ ଆହ୍ୱାନମୂଳକ ସମସ୍ୟା। ନାସାର ଗୋଟିଏ ରିପୋର୍ଟ ଅନୁସାରେ ଗ୍ରହର ହାରାହାରି ତାପମାତ୍ରା ଗତ ଶତାବ୍ଦୀ ଭିତରେ ଏକ ଡିଗ୍ରୀ ସେଲ୍‌ସିଅସ୍‌ରୁ ସାମାନ୍ୟ ଅଧିକ ବଢିଛି।

ଆଦିତ୍ୟ: ହଁ ବାପା। ଏମିତିକି ମୁଁ ଏଇ ନିକଟରେ ପଢିଥିଲି ଯେ ୨୦୧୭ ଲଗାତାର ତୃତୀୟ ବର୍ଷ ଥିଲା ଯେଉଁଥିରେ ୧୯ଶ ଶତାବ୍ଦୀର ଶେଷ ଆଡକୁ ରେକର୍ଡ କରାଯାଇଥିବା ବିଶ୍ୱ ତାପମାତ୍ରାଠାରୁ ଏକ ଡିଗ୍ରୀ ଅଧିକ ଥିଲା।

ମିତା: ୨୦୧୭ ମସିହା ତ ଗଲାଣି। ୨୦୧୮ ମସିହାରେ ବି ସାଧାରଣ ଲୋକ ଏଆର କ୍ୱାଲିଟି ଇଣ୍ଡେକ୍ସ ଲକ୍ଷ୍ୟ କଲେ। ଦିଲ୍ଲୀ ମହାନଗରୀରେ ତ ପ୍ରଦୂଷଣର ଅବସ୍ଥା ଅତି ଶୋଚନୀୟ। ବିଶେଷ କରି ମୋ ଭଳି ଶ୍ୱାସରୋଗୀଙ୍କ ପାଇଁ।

ରାଜନ: ଶୁଣିକି ଖରାପ ଲାଗିଲା ମିତା ମ୍ୟାଡମ। ପ୍ରଦୂଷଣର ପ୍ରସଙ୍ଗ ତ ସମୁଦ୍ରର ପାଣି ବୁନ୍ଦେ ଭଳି। ଅବଶ୍ୟ ଏହା ସବୁଠାରୁ ଅଧିକ ପ୍ରଭାବିତ କରୁଛି।

ଆଦିତ୍ୟ: ମୁଁ ମୋ ମା'ଙ୍କୁ ନିଶ୍ୱାସ ନେବା ପାଇଁ ସଂଘର୍ଷ କରିବା ଦେଖୁଛି।

(ଚା ଜଳଖିଆ ଦିଆଯାଉଛି, କପ୍ ପ୍ଲେଟ ଶବ୍ଦ)

ମିଶ୍ର: ମୋ ସ୍ତ୍ରୀଙ୍କୁ ଗତ ଦଶବର୍ଷ ହେଲାଣି ଆଷ୍ଟ୍ମା ସମୟ ସହିତ ଏହା ବଢୁଛି। ଜଳବାୟୁ ପରିବର୍ତ୍ତନର ବିଶେଷତା ଭିତରେ ରହିଛି ବିଶ୍ୱର ହାରାହାରି ତାପମାତ୍ରାରେ ବୃଦ୍ଧି, ବରଫ ତରଳିବା, ବର୍ଷାର ଢାଞ୍ଚା ବଦଳିବା, ସାମୁଦ୍ରିକ ପତନ ବଢିବା ଆଦି...

ରାଜନ: ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରିତ କରିବା ଦିଗରେ ଆବଶ୍ୟକ ପ୍ରଚେଷ୍ଟା ଭିତରେ ଗୋଟିଏ ଦିଗରେ ରହିଛି ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ କରିବା ଏବଂ ଅନ୍ୟ ଦିଗରେ ଅନୁକୂଳ କ୍ଷମତା ସୃଷ୍ଟି କରିବା।

ମିତା: ପ୍ରଚେଷ୍ଟା ତ ଦରକାର କିନ୍ତୁ...

ରତି: (କଥା ମଝିରେ) ନମସ୍କାର ଡ.ମିଶ୍ର, ଆପଣଙ୍କ ସହ ଦେଖା ହେବାରୁ ଖୁସି ଲାଗିଲା।

ମିଶ୍ର: ନମସ୍କାର ଡ.ରତି, କେମିତି ଅଛନ୍ତି ? ମୋ ସ୍ତ୍ରୀ ଆଉ ପୁଅଙ୍କୁ ଭେଟନ୍ତୁ।

ରତି: ନମସ୍କାର ମିତା ମ୍ୟାଡମ। ଆପଣଙ୍କୁ ଭେଟି ଖୁସିଲାଗିଲା। ଡ.ମିଶ୍ର, ଜଳବାୟୁ ପରିବର୍ତ୍ତନର ଉପାୟ ବିଷୟରେ ମୋର ନୂଆ ଲେଖା ପଢ଼ିଛନ୍ତି ?

ମିଶ୍ର: ଏ ଯାଏଁ ତ ପଢ଼ିନି, କିନ୍ତୁ ପଢ଼ିବାକୁ ନିଶ୍ଚୟ ଚାହିଁବି।

ରତି: ମୁଁ ଲେଖାର ଗୋଟିଏ କପି ଆପଣଙ୍କୁ ଦେବି।

ଆଦିତ୍ୟ: ଡ.ରତି, ଆପଣଙ୍କ ଲେଖାରେ ଉଠାଇଥିବା ମୁଖ୍ୟ ପ୍ରସଙ୍ଗ ବିଷୟରେ କିଛି କୁହନ୍ତୁ।

ରତି: ନିଶ୍ଚୟ, ମୁଁ ଦଶଟି ଜିନିଷର ସୂଚୀ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରିଛି।

ଆଦିତ୍ୟ: ଶୁଣିବାକୁ ତ ବହୁତ ଭଲ ଲାଗୁଛି।

ରତି: ଧନ୍ୟବାଦ, ସେ ଭିତରୁ ଗୋଟିଏ ହେଲା ମିଥେନ ବାଷ୍ପର ଉତ୍ସର୍ଜନ କମ୍ କରିବା, ଅନୁମାନ କରାଯାଉଛି ଯେ ପୃଥିବୀର ଜଳବାୟୁରେ ଦେଖାଯାଉଥିବା ପରିବର୍ତ୍ତନର କିଛି ଅଂଶ ପାଇଁ ମିଥେନ ବାଷ୍ପ ଏକା ଦାୟୀ।

ଆଦିତ୍ୟ: ଭାରତରେ ସବୁଠାରୁ ଅଧିକ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନର ଉତ୍ସ, ଶକ୍ତି କ୍ଷେତ୍ର ବୋଲି ଧରାଯାଏ।

ରତି: ଠିକ କଥା, ଦ୍ୱିତୀୟ ପ୍ରସଙ୍ଗ ପୁନଃନବୀକରଣୀୟ ଶକ୍ତିର ବ୍ୟବହାର ଉପରେ ରହିଛି। ଏବେ ସମୟ ଆସିଛି ଆମକୁ ଆମର ନବୀକରଣୀୟ ସ୍ରୋତକୁ ରିଚାର୍ଜ କରିବାକୁ ହେବ। ଆଉ ତା'ର ବ୍ୟବହାର ସାବଧାନ ହୋଇ କରିବା ଦରକାର।

ରାଜନ: ଦୁଇଟି ଯାକ ପ୍ରସଙ୍ଗ ଉଠାଇବା ବହୁତ ପ୍ରଶଂସନୀୟ କାମ। ନବୀକରଣ ଉତ୍ସ ସହିତ ପରିବହନ ପ୍ରସଙ୍ଗକୁ ବି ଧ୍ୟାନରେ ରଖିବାକୁ ହେବ, କାରଣ ଏ ବି ପ୍ରଦୂଷଣ ବଢାଏ।

ମିତା: ଆଉ ମୋ ଆଜ୍ମାକୁ ବି, ମୁଁ ମୋ ମୁଖା ବିନା ରାସ୍ତାରେ ଯାଇପାରେ ନାହିଁ, ଆଉ ଏ ସବୁ ଭିତରେ ଲୋକଙ୍କର ଧୂମପାନ ଆହୁରି କଷ୍ଟକର ହୋଇପଡେ।

ମିଶ୍ର: ହଁ, ଆଦିତ୍ୟ ତା' ସ୍କୁଲ ବିଜ୍ଞାନ ପ୍ରତିଯୋଗିତା ପାଇଁ ଏ ଉପରେ ଗୋଟିଏ ନିବନ୍ଧ ଲେଖିଥିଲା। ଏ ବିଷୟ ସମସ୍ତଙ୍କର ଆଗ୍ରହର ବିଷୟ।

ଆଦିତ୍ୟ: ହଁ ବାପା, ବିଷୟ ଥିଲା ଅସ୍ତିତ୍ୱ ବଞ୍ଚାଇବା ପାଇଁ ଛୋଟ ଛୋଟ ପରିବର୍ତ୍ତନ। ମୁଁ ଏଥିରେ କିଛି ବିଷୟ ଯୋଡ଼ିଥିଲି, ଯେମିତିକି- ଘରେ ଥିବା ବଲ୍‌ବ ବଦଳରେ ଶକ୍ତି ସମର୍ଥ ବଲ୍‌ବ ଲଗାଇବା, ବ୍ୟବହାର କରୁ ନ ଥିବା ସମୟରେ କମ୍ପ୍ୟୁଟର, ଟିଭି, ଏବଂ ଅନ୍ୟ ଇଲେକ୍‌ଟ୍ରନିକ ସାମଗ୍ରୀ ବନ୍ଦ ରଖିବା, ଥଣ୍ଡା ପାଣିରେ ଲୁଗା ଧୋଇବା, ଗରମ ପାଣିରେ ନୁହେଁ, ଡ୍ରାୟର ବ୍ୟବହାର କଲେ ଅଧିକ ଶକ୍ତି ଖର୍ଚ୍ଚ ହୁଏ, ସେଥିପାଇଁ ଲୁଗା ଖରାରେ ଶୁଖାଇବା, ନୂଆ ସାମଗ୍ରୀ କିଣିବା ସମୟରେ ଶକ୍ତିଷ୍ଟାର ପ୍ରତି ଧ୍ୟାନ ଦେବା,ଏମିତି ଅନେକ ସୂଚନା।

ମିଶ୍ର: ଆଦିତ୍ୟ ସହରୀ ଲୋକଙ୍କ ପାଇଁ ଏତେ ପ୍ରସ୍ତାବ, କିନ୍ତୁ ଗାଁ ଲୋକଙ୍କ ପାଇଁ କିଛି ନାହିଁ।

ଆଦିତ୍ୟ: ନାଇଁ ବାପା, ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଥିବା ପ୍ରାକୃତିକ ସଂସାଧନ ଉପରେ ଗାଁ ଲୋକ ବହୁ ଭାବରେ ନିର୍ଭର କରନ୍ତି। ସେଥିପାଇଁ ସେମାନଙ୍କୁ ପ୍ରବାସ, ଆର୍ଥିକ ଅସ୍ଥିରତା, ଜୀବିକା ଆଦି ପ୍ରସଙ୍ଗ ସାମନା କରିବାକୁ ହେଉଛି।

ରାଜନ: ଏସବୁ ବେଶ୍ ଗୁରୁତର ସହ ଚିନ୍ତା କରିବା ବିଷୟ ଆଦିତ୍ୟ, ମରୁଡି ଓ ବନ୍ୟା ଯୋଗୁ ଫସଲ ଏବଂ ପଶୁଧନ ନଷ୍ଟ ହେଉଛି। ରୋଇବା ଏବଂ କାଟିବା ସମୟରେ ପରିବର୍ତ୍ତନ ଏବଂ ପାଣିପାଗ ସମ୍ବନ୍ଧୀୟ ସବୁ ପ୍ରକାର ସମସ୍ୟାର ସାମନା ସେମାନେ କରୁଛନ୍ତି।

ଆଦିତ୍ୟ: ଏବେ ଆମେ ପ୍ରାକୃତିକ ବିପର୍ଯ୍ୟୟ ସହ ଲଢିବା ପାଇଁ ପ୍ରସ୍ତୁତ ନୁହେଁ, କିନ୍ତୁ ମୁଁ ଗାଁ କ୍ଷେତ୍ର ପାଇଁ ବି କିଛି ପ୍ରସ୍ତାବ ଦେଇଛି। ଯେମିତିକି ଜଳ ସଂରକ୍ଷଣ କ୍ଷେତ୍ରରେ କୂଅ ଆଦି ଖୋଳି ତାକୁ ପରିଷ୍କାର ରଖିବା, ନଈ, ପୋଖରୀ ଆଦିରେ ନ ଗାଧୋଇବା, ଏବଂ ତାକୁ ପରିଷ୍କାର ରଖିବା ପାଇଁ ଚେଷ୍ଟା କରିବା। କୃଷିକ୍ଷେତ୍ରରେ ବି ମୁଁ ଏମିତି ଫସଲ କରିବା ପାଇଁ ପ୍ରସ୍ତାବ ଦେଇଛି ଯେଉଁଥିରେ କମ୍ ପାଣି ଖର୍ଚ୍ଚ ହୁଏ। ପ୍ରତି ବର୍ଷେ ଦୁଇ ବର୍ଷ ଭିତରେ ଫସଲର ପ୍ୟାଟର୍ଣ୍ଣ ବଦଳାଇବାକୁ ହେବ।

ମିତା: ଶକ୍ତି ସଂରକ୍ଷଣ ପାଇଁ ଏସବୁ ପ୍ରସ୍ତାବ ପାଇଁ ଆଦିତ୍ୟକୁ ପ୍ରଥମ ପୁରସ୍କାର ମିଳିଛି। (ସମସ୍ତେ ହସୁଛନ୍ତି)

(ଦୃଶ୍ୟ ପରିବର୍ତ୍ତନ, ବଗିଚାକୁ ଯାଇଛନ୍ତି, ପକ୍ଷୀର ସ୍ୱର, ପବନ ବହିବାର ଶବ୍ଦ)

ରାଜନ: ଆସନ୍ତୁ, ମୁଁ ଆପଣଙ୍କୁ ଆମ କ୍ୟାମ୍ପସ ଦେଖାଇବି।

ମିତା: ବହୁତ ସୁନ୍ଦର ଜାଗା ଡ.ରାଜନ, ଆପଣମାନେ ବହୁତ ବଢିଆ ଭାବରେ ସଜେଇ ରଖିଛନ୍ତି।

ରାଜନ: ଧନ୍ୟବାଦ ମ୍ୟାଡମ, ଜାଗାଟିକୁ ଭବିଷ୍ୟତ ଦୃଷ୍ଟିକୋଣ ଅନୁସାରେ ତିଆରି କରାଯାଇଛି।

ଆଦିତ୍ୟ: ହଁ ମୁଁ ସକାଳୁ ଆଗ ଗୋଟେ ଚକ୍କର ବୁଲିସାରିଛି। କୋଠା ପଛପଟେ କିଛି ସୌର ପ୍ୟାନେଲ ଲାଗିଥିବାର ମୁଁ ଦେଖିଲି।

ରାଜନ: ହଁ ପାଞ୍ଚବର୍ଷ ପୂର୍ବେ ଆମେ ଏ ପ୍ୟାନେଲ ସବୁ ଲଗେଇଥିଲୁ, ଆଉ ମୁଁ ଗର୍ବର ସହ କହିପାରେ ଯେ ଆମେ ତାପମାତ୍ରା କମେଇ ପାରିଛି ଆଉ ଆଲୁଅ ବଞ୍ଚେଇ ପାରିଛୁ।

ମିଶ୍ର: ବହୁତ ବଢିଆ କାମ। ସୌର ପ୍ୟାନେଲ ଆଜିକାଲି ସାଧାରଣ କଥା। ଲୋକ ତାକୁ ବ୍ୟବହାର କରୁଛନ୍ତି। ଏହା ଅତି ଛୋଟ ହୋଇପାରେ, କିନ୍ତୁ ଆଗକୁ ଗୋଟିଏ ବଡ଼ ପଦକ୍ଷେପ ହୋଇପାରେ।

ରାଜନ: ଯେମିତିକି ଆମେ ଆଗରୁ ପୁନଃନବୀକରଣ ଶକ୍ତି ବିଷୟରେ ଆଲୋଚନା କରୁଥିଲେ। ମୁଁ ଏଠି କହିବାକୁ ଚାହୁଁଛି ଯେ ଭାରତ ହିଁ ପ୍ରଥମେ ନବୀକରଣୀୟ ଶକ୍ତି ସମ୍ବନ୍ଧୀୟ ନୀତି ଲାଗୁ କରିଛି। ପ୍ରଥମ ନୂଆ ଏବଂ ନବୀକରଣୀୟ ଶକ୍ତି ପାଇଁ ରଣନୀତି ଯୋଜନା, ଯାହା କି ଗୋଟିଏ ବ୍ୟାପକ ରୂପରେଖ ଦେଇଥାଏ। ଦ୍ୱିତୀୟରେ, ରାଷ୍ଟ୍ରୀୟ ସୌର ମିଶନ, ଯାହା ନବୀକରଣ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ନିର୍ଦ୍ଧାରିତ କରେ।

ରତି: ଜଳବାୟୁ ପ୍ରତିକାର ଦିଗରେ ଆଉ ଏକ ମାଇଲ ଖୁଣ୍ଟି ହେଉଛି କାର୍ବନ ସିଙ୍କ୍ ବା ଅଙ୍ଗାର ଶୋଷକର କ୍ଷମତା ବଢାଇବା। ଏହାକୁ ନବୀକରଣ ମାଧ୍ୟମରେ ପ୍ରାପ୍ତ କରାଯାଇ ପାରିବ।

ରାଜନ: ଆମ କ୍ୟାମ୍ପସ୍‌ର ଗୋଟିଏ ନିୟମ ହେଉଛି ଯେ ଯେତେବେଳେ ଜଣେ ନୂଆ ଛାତ୍ର ଆମ ସହ ଯୋଡି ହୁଏ, ଆମେ ତା’ ନାଁରେ ଗୋଟିଏ ଗଛ ଲଗାଉ। ଆମେ ନିଶ୍ଚିତ କରୁ ଯେ ଗଛଟି ଯେମିତି ଭଲରେ ବଢିବ।

ମିଶ୍ର: ବହୁତ ଭଲ କଥା ଡ.ରାଜନ, ଆପଣ କୁଆଡେ ହଜିଗଲେ ପ୍ରିୟ ପତ୍ନୀ।

ମିତା: ମୁଁ ଏଇ ପୋଷ୍ଟର ଦେଖୁଛି, ଏହାକୁ ଦେଖି ମୋ ମନରେ ଗୋଟିଏ ସତର୍କ ଘଣ୍ଟି ବାଜୁଛି। ପ୍ରଥମ ପୋଷ୍ଟର ଲେଖାହୋଇଛି ଦୁନିଆ ଆଠ ଲକ୍ଷ ବର୍ଷ ଭିତରେ ଅଙ୍ଗାରକାମ୍ଳର ସର୍ବାଧିକ ବୃଦ୍ଧି ଦେଖିଲା।

ଦ୍ୱିତୀୟ ପୋଷ୍ଟର - ଗତ ୨୦ ବର୍ଷ ଭିତରେ ପ୍ରାକୃତିକ ବିପର୍ଯ୍ୟୟରେ ୬ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଛି।

ତୃତୀୟ ପୋଷ୍ଟର – ଆର୍କଟିକ ୨୦୪୦ ମସିହା ବେଳକୁ ବରଫ ମୁକ୍ତ ହୋଇଯିବ।

ମିଶ୍ର: ମହାନ କଳାକୃତି, ଏହା ଘାତକ ତଥ୍ୟ। କିନ୍ତୁ ଏହାଛଡା ବି ବହୁତ କିଛି ଅଛି। ଏଇ ଦେଖ ନିକଟରେ ଆସିଥିବା ଗୋଟିଏ ରିପୋର୍ଟକୁ କେମିତି ପ୍ରସ୍ତୁତ କରିଛନ୍ତି। ଏଇଠି ଦେଖ – ଇଣ୍ଟର ଗଭର୍ଣ୍ଣମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ, ଅର୍ଥାତ ଆଇପିସିସିର ରିପୋର୍ଟ। ମୋର ମନେ ଅଛି ଚେତାବନୀ ଦିଆଯାଇଥିଲା ଯେ ବିଶ୍ୱ ଉଷ୍ମାୟନ ଅନୁମାନଠାରୁ ଅଧିକ ଦ୍ରୁତ ଗତିରେ ହେଉଛି। ଯଦି ଉତ୍ସର୍ଜନ କମାଇବା ପାଇଁ ପଦକ୍ଷେପ ନିଆ ନ ଯାଏ, ତେବେ ବିନାଶକାରୀ ପ୍ରଭାବ ପଡିବ।

ରତି: ମୁଁ ମୋ ଲେଖାରେ ଏଇ ରିପୋର୍ଟ ବିଷୟରେ ଉଲ୍ଲେଖ କରିଛି। ଏହାଛଡା, ଜଳବାୟୁ ପରିବର୍ତ୍ତନ ଉପରେ ରାଷ୍ଟ୍ରୀୟ ଯୋଜନା ଅର୍ଥାତ ଏନଏପିସିସି ଏଥିରେ ବିକାଶକୁ ଆଗେଇବା ସହିତ ଜଳବାୟୁ ପରିବର୍ତ୍ତନ ପ୍ରତି ଅନୁକୂଳ ଉପାୟ ସବୁ ବି ଦିଆଯାଇଛି।

ଆଦିତ୍ୟ: ଏଠି ଦେଖନ୍ତୁ, ସବୁଠାରୁ ଗୁରୁତର ବିଷୟ। ବିଶ୍ୱ ବ୍ୟାଙ୍କର ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ମୋଟରେ ୬ କୋଟି ଭାରତୀୟ ତାପମାତ୍ରା ବା ବର୍ଷାରେ ପରିବର୍ତ୍ତନ କାରଣରୁ ସାମାନ୍ୟରୁ ସାଂଘାତିକ ଭାବରେ ପ୍ରଭାବିତ ହେବେ।

ମିଶ୍ର: ମୁଁ ଏ ରିପୋର୍ଟ ପଢିଛି। ଏହା ଗୁରୁତର ପରିସ୍ଥିତିର ସୂଚନା ଦେଉଛି।

ରାଜନ: ଚିନ୍ତା ତ ସବୁଠି ଅଛି ସାର୍। ଏଇ ଗ୍ରାଫ୍‌ରୁ ବିଶ୍ୱର ସଂରଚନା ନେଇ ଦେଖନ୍ତୁ। ଯାହା ସ୍ପଷ୍ଟ ରୂପରେ ସୂଚନା ଦେଉଛି ଯେ ଅଙ୍ଗାର ଉତ୍ସର୍ଜନ ସ୍ତର ୨୦୧୮ ମସିହାରେ ସର୍ବକାଳୀନ ସର୍ବାଧିକ ସ୍ତରରେ ପହଞ୍ଚି ଯାଇଛି। ଆଉ ଏଇ ବୃଦ୍ଧିରେ ପ୍ରାୟ ସବୁ ଦେଶର ଯୋଗଦାନ ରହିଛି। ଚୀନ ଉତ୍ସର୍ଜନରେ ଶତକଡା ୪.୭ ଭାଗ ବୃଦ୍ଧି ହୋଇଛି। ଆମେରିକାରେ ୨.୫ ଭାଗ ବୃଦ୍ଧି ଏବଂ ଭାରତରେ ୨୦୧୮ ମସିହାରେ ଶତକଡା ୬.୩ ଭାଗ ବୃଦ୍ଧି ହୋଇଛି।

ମିତା: ଏ ତଥ୍ୟ କେବଳ ଦେଖାଇବା ପାଇଁ, ନା ଛାତ୍ର ବା ଶିକ୍ଷକଙ୍କ ପାଇଁ କିଛି ଅର୍ଥ ରହିଛି।

ରାଜନ: ନାଇ ମିତା ମ୍ୟାଡମ, ଆମେ ଆମ ଛାତ୍ର ଆଉ ଆଗନ୍ତୁକ ମାନଙ୍କ ପାଇଁ ତଥ୍ୟକୁ ବାରମ୍ବାର ଦୋହରାଉ। ଆମେ ଗୋଟିଏ ସ୍ୱଚ୍ଛ ସବୁଜ ସହର ଚାହୁଁଛୁ। ଏବେ ଥିବା ଅଧିକାଂଶ ଆବାସ ବିଶ୍ୱ ଉଷ୍ମାୟନ ଅଧିକ ହେବା ଯୋଗୁ ରହିବା ପାଇଁ ଅନୁପଯୁକ୍ତ ହୋଇଯିବ।

ଆଦିତ୍ୟ: ଏଥିରେ କୌଣସି ସନ୍ଦେହ ନାହିଁ। ଏଠିକୁ ଆସନ୍ତୁ...ଏହି ତଥ୍ୟକୁ ଦେଖନ୍ତୁ। ବିଶ୍ୱ ଉତ୍ସର୍ଜନର ଶତକଡା ପ୍ରାୟ ୫ ଭାଗ ଭାରତରେ।୧୯୯୦ ରୁ ୨୦୦୫ ମସିହା ଭିତରେ ଭାରତର ଉତ୍ସର୍ଜନ ଶତକଡା ୬୫ ଭାଗ ବଢିଛି। ୨୦୨୦ ମସିହା ବେଳକୁ ଏହା ୭୦ ଭାଗ ହେବାର ସମ୍ଭାବନା ରହିଛି।

ମିତା: କିନ୍ତୁ ଆମେ ଖରାପ ନୁହେଁ, ଏଇ ବୋର୍ଡକୁ ଦେଖନ୍ତୁ। ଏଠି ଲେଖା ହୋଇଛି ଭାରତରେ ବ୍ୟକ୍ତି ପିଛା ଉତ୍ସର୍ଜନ ବିଶ୍ୱ ହାରାହାରୀ ତୁଳନାରେ ଶତକଡା ୭୦ ଭାଗ କମ୍ ଅଛି। ଆଉ ଆମେରିକା ଠାରୁ ଶତକଡା ୯୩ ଭାଗ କମ୍ ଅଛି।

ଆଦିତ୍ୟ: ମା, ତମ ପାଖରେ ସବୁ ଜିନିଷ ପାଇଁ ସକରାତ୍ମକ ଦୃଷ୍ଟିକୋଣ ରହିଥାଏ। ଏମିତିକି ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ଉଷ୍ମାୟନ ପ୍ରସଙ୍ଗରେ ବି...

ରତି: ୟାକ୍‌ର ଏହି ସୁନ୍ଦର ଚିତ୍ରଟିକୁ ଦେଖନ୍ତୁ। ଓହୋ! କିନ୍ତୁ ଏଠି ଲେଖାହୋଇଛି ଯେ ୟାକ୍ ହିମାଳୟର ବଢନ୍ତା ତାପମାତ୍ରା ସମସ୍ୟାର ସାମନା କରୁଛି।

ରାଜନ: ଏଠି ଏମିତି ଅନେକ କାହାଣୀ ରହିଛି ଡ.ରତି। ଏହା ଭଳି ଜଳବାୟୁ ପରିବର୍ତ୍ତନ ଏବଂ ଦେଶାନ୍ତର ଯୋଗୁ ଗତ ଏକ ଦଶକ ଭିତରେ ଉତ୍ତରାଞ୍ଚଳର ପିଥୋରାଗଡ ଜିଲ୍ଲାରେ ୩୦ଟି ପାରମ୍ପରିକ ଫସଲ ଚାଷ ହେବା ବନ୍ଦ ହୋଇଗଲାଣି।

ମିଶ୍ର: ମୁଁ ଜାଣିଛି ଯେ ଭାରତୀୟ ବନ୍ୟଜୀବ ସଂସ୍ଥା, ଡେରାଡୁନ ଦ୍ଵାରା ହୋଇଥିବା ଏକ ଅଧ୍ୟୟନର ରିପୋର୍ଟ। ଏଥିରେ ସବୁ ପ୍ରସଙ୍ଗ ଏବଂ ଚିନ୍ତା ବିଷୟ ଉଠାଯାଇଛି। କିନ୍ତୁ ଏସବୁର ସମାଧାନ କାହିଁ..... କିମ୍ବା ଯେମିତି ଆଦିତ୍ୟ ଏବଂ ଡ.ରତି ଜଳବାୟୁ ପରିବର୍ତ୍ତନର ସାମନା କରିବା ପାଇଁ କିଛି ବଡ ଆଉ ଛୋଟ ବିଷୟ ଉପରେ ଆଲୋଚନା କରିଛନ୍ତି.... ଏଇଥିରୁ ସମାଧାନ ବାହାର କରାଯାଇପାରିବ।

ରାଜନ: ଏହିଭଳି ପ୍ରସ୍ତାବ ପାଇଁ ହିଁ ଆମେ ପ୍ରବେଶ ଦ୍ଵାର ପାଖର ଅଞ୍ଚଳକୁ ସମର୍ପିତ କରିଛୁ। ବହୁତ ଶୀଘ୍ର ଏ କାନ୍ଥ ଜଳବାୟୁ ପରିବର୍ତ୍ତନର ନିରାକରଣ ଉପାୟରେ ଭରିଯିବ।

ଆଦିତ୍ୟ: ସାର୍, ମୁଁ ମୋ ନିବନ୍ଧରେ ଆଉ କିଛି ବିଷୟରେ ବି ଲେଖିଛି। ଯେମିତିକି ସୌର, ପବନ ଆଉ ଜଳ ଭଳି ଶକ୍ତିର ନବୀକରଣୀୟ ଉପାୟ ବ୍ୟବହାର କରିବା, କମ୍ ବ୍ୟବହାର କରିବା, କମ୍ ନଷ୍ଟ କରିବା......

ରାଜନ: ବହୁତ ବଢିଆ ଆଦିତ୍ୟ, ଆମେ ନିଶ୍ଚିତ ଭାବରେ ଏଥିପାଇଁ ତତ୍ପର ରହିବୁ। ଡ.ରତି, ଆପଣଙ୍କ ଲେଖା ମୋ ପାଖକୁ ପଠେଇ ଦିଅନ୍ତୁ। ମୁଁ ମୋ ଦଳଙ୍କୁ ଜରୁରୀ ଉପାୟ ସବୁକୁ ଏକାଠି କରିବା ପାଇଁ କହିବି।

ରତି: ନିଶ୍ଚୟ ଡ.ରାଜନ, ଭାରତରେ ଅନେକ ନଈ ନୀତି ଆୟୋଗ ଦ୍ୱାରା ବିକଶିତ ପଞ୍ଚବାର୍ଷିକ ଯୋଜନାରେ ସାମିଲ, ମୁଁ ସେସବୁକୁ ପଢିଛି। ଆପଣ ଚାହିଁଲେ ସେ ବିଷୟ ବି ଉଠାଇ ପାରିବେ।

ମିଶ୍ର: ଜଳବାୟୁ ପରିବର୍ତ୍ତନ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ଦେଶମାନଙ୍କ ଭିତରୁ ଭାରତ ଗୋଟିଏ। ଯେଉଁ ଜାଗାରେ ଲୋକଙ୍କର ଜୀବନଜୀବିକା ପ୍ରାକୃତିକ ସଂସାଧନ ଉପରେ ନିର୍ଭର କରେ ବିପଦ ସେଠି ଅଧିକ।

ରାଜନ: ସେଥିପାଇଁ ଏନଏପିସିସି ୮ଟି ଅଲଗା ଅଲଗା ମିଶନ ଉପରେ ଆଲୋକପାତ କରିଛି। ଫଳରେ ଭାରତ ଏବେ ଜଳବାୟୁ ପରିବର୍ତ୍ତନର ବହୁମୁଖି ବିପଦକୁ ସାମନା କରିବା ପାଇଁ ପ୍ରସ୍ତୁତ।

ମିଶ୍ର: ଆପଣଙ୍କର ଶେଷ ଉକ୍ତିକୁ ନେଇ ମୁଁ ନିଶ୍ଚିତ ନୁହେଁ ରାଜନ। ବର୍ତ୍ତମାନ ଆହ୍ୱାନ ହେଉଛି ପୂର୍ଣ୍ଣାଙ୍ଗ ଦୃଷ୍ଟିକୋଣ ବିକଶିତ କରିବା।

ଆଦିତ୍ୟ: ବାପା, ତମ କଥା କିଛି ଉଦାହରଣ ଦେଇ ବୁଝେଇ ଦିଅ।

ମିଶ୍ର: ପ୍ରଚେଷ୍ଟା ରାଷ୍ଟ୍ରୀୟ, ରାଜ୍ୟ ଏବଂ ଆଞ୍ଚଳିକ ସ୍ତରରେ ହେଉଛି। ସେଥିରୁ ଗୋଟିଏ ହେଉଛି ଉତ୍ତରାଖଣ୍ଡର ହିମାଳୟ ଅଞ୍ଚଳରେ ବର୍ଷା ପ୍ୟାଟର୍ଣ୍ଣ ବଦଳିବା। ଏଥିରେ ସେଠିକା ଲୋକଙ୍କର ଜୀବିକାରେ ସହାୟତା ମିଳୁଛି।

ରତି: ମୁଁ ଆପଣଙ୍କୁ ମୋ ଲେଖା ବିଷୟରେ କହୁଥିଲି। ସେଥିରେ ମୁଁ କିଛି ସମ୍ଭାବ୍ୟ ଉପାୟ ବିଷୟରେ ଉଲ୍ଲେଖ କରିଛି। ସେଥିରୁ ଗୋଟିଏ ହେଉଛି ଜୀବନ ଜୀବିକା।

ରାଜନ: ମୁଁ ବି ମୋ ଚିନ୍ତା ଏବଂ ସେ ସବୁର ପ୍ରଭାବକୁ ସୂଚୀବଦ୍ଧ କରିଛି। ଏସବୁ କେଉଁଠି ପ୍ରକାଶିତ ହୋଇନାହିଁ, କିନ୍ତୁ ମୁଁ ଆପଣମାନଙ୍କ ପାଇଁ ପ୍ରସ୍ତୁତ କରିଛି। ଆପଣମାନେ ଏହାକୁ ଯେମିତି ବି ବ୍ୟବହାର କରିପାରିବେ।

ରତି: ସେଥିରେ ବିଶେଷତା କ'ଣ ଡ.ରାଜନ ?

ରାଜନ: ସବା ଆଗ ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମୁଁ ଖାଦ୍ୟ ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଉପରେ ଆଲୋକପାତ କରିଛି।

ମିଶ୍ର: ଗ୍ରାମୀଣ ଭାରତ ଆଡକୁ ଦେଖିଲେ ପରିସ୍ଥିତି ଆହୁରି ଗୁରୁତର ଲାଗୁଛି। କୃଷି ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନର ବହୁତ ଖରାପ ପ୍ରଭାବ ପଡୁଛି।

ରତି: ମୁଁ ମୋ ଲେଖାରେ ଏ ବିଷୟରେ ଲେଖିଛି ଯେ ଭାରତୀୟ କୃଷି ଗବେଷଣା ଏଭଳି କିସମ ବାହାର କରିବା ଦରକାର ଯାହା ପ୍ରତିକୂଳ ପରିସ୍ଥିତିର ସାମନା କରିପାରିବ, ଫଳରେ ଦେଶର ଖାଦ୍ୟ ଚାହିଦା ମେଣ୍ଟିପାରିବ।

ରାଜନ: ଏ ଆମ ଦୁହିଁଙ୍କ ଭିତରେ କିଛି ଟେଲିପାଥିକ୍ ସଂଯୋଗ ମନେହେଉଛି, କ'ଣ କହୁଛନ୍ତି ଡ.ରତି......

(ସମସ୍ତେ ହସୁଛନ୍ତି)

ରତି: କୃଷି ଉତ୍ପାଦନ ମରୁଡି, ପ୍ରବଳ ଏବଂ ଅନିୟମିତ ବର୍ଷା, ଏବଂ ତାପମାତ୍ରା ପରିବର୍ତ୍ତନ ଭଳି ପାଣିପାଗ ସମ୍ବନ୍ଧୀୟ ସମସ୍ୟା ଯୋଗୁ ବହୁ ପରିମାଣରେ ଅସୁରକ୍ଷିତ, ଜଳବାୟୁ ପରିବର୍ତ୍ତନକୁ ସହିପାରିବା ଭଳି କୃଷି ଚାଷୀମାନଙ୍କ ସମସ୍ୟାକୁ ସମାଧାନ କରିବା ଦିଗରେ ସାହାଯ୍ୟ କରିପାରେ.......

ମିତା: ମୋ ପରିବାର ଗାଁରେ ରହନ୍ତି, କାଲି ମୁଁ ସେମାନଙ୍କ ସହ କଥା ହେଉଥିଲି, ସେଠିକାର ସମସ୍ୟା ଟିକେ ଅଲଗା ପ୍ରକାରର।

ମିଶ୍ର: ହଁ ଗରିବ ଗ୍ରାମୀଣ ଅଞ୍ଚଳରେ ଅନୁକୂଳ ପାଇଁ କ୍ଷମତା ପ୍ରାୟ ସୀମିତ ଥାଏ। ଏଠି ଲୋକ କୃଷି ଉପରେ ହିଁ ନିର୍ଭର କରନ୍ତି। ସାଧାରଣତଃ ଲୋକଙ୍କର ଔପଚାରିକ ଶିକ୍ଷା ବହୁତ କମ୍ ହୋଇଥାଏ।

ରାଜନ: ହଁ ସାର୍, ସେଥିପାଇଁ ଆମେ ଆମର ଛାତ୍ର ଏବଂ ସହକର୍ମୀଙ୍କୁ କଡା ନିର୍ଦ୍ଦେଶ ଦେଇ ଗାଁକୁ ପଠାଉ, ଯେମିତିକି କେବଳ ଜଳବାୟୁ ପରିବର୍ତ୍ତନ ବିଷୟରେ ସୂଚନା ଦେବାନାହିଁ, ବରଂ ସମାଜିକ, ଆର୍ଥିକ, ସଂସ୍ଥାଗତ ଏବଂ ସଂସାଧନ ପାଖରେ ପହଞ୍ଚିବା ପାଇଁ ସୂଚନା ଦିଆଯାଇପାରିବ।

ରତି: ମୋର ଗବେଷଣା ସମୟରେ ହିମାଚଳ ପ୍ରଦେଶର ସାହେଲ ନାମକ ଗାଁ ବିଷୟରେ ଜାଣିବାକୁ ପାଇଲି। ସେଠି ମରୁଡିର ଆଶଙ୍କା ଥିବା ଅଞ୍ଚଳରେ କ୍ଷୁଦ୍ର ଚାଷୀମାନେ ଆପେ ଆପେ ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହୁଅନ୍ତି। ସେମାନେ ମରୁଡିକୁ ସୁହାଇଲା ଭଳି ଫସଲ ଚାଷ କରନ୍ତି। ତାଙ୍କ ଉତ୍ପାଦନ ପ୍ରଥାକୁ ସମୟୋଚିତ କରିଛନ୍ତି। ଏହା ସହିତ କମ୍ ବର୍ଷା ହେଉଥିବାରୁ ହାତରେ କୂଅ ଖୋଳି ବ୍ୟବହାର କରନ୍ତି।

ମିଶ୍ର: ଜଳବାୟୁ ପରିବର୍ତ୍ତନ ଦିଗରେ ଭାରତର ରାଷ୍ଟ୍ରୀୟ କୃଷି ଯୋଜନା ଏଭଳି ଚାରୋଟି ପ୍ରଚେଷ୍ଟା ଉପରେ କେନ୍ଦ୍ରୀଭୂତ ଯାହା ପରିବର୍ତ୍ତନ ଅନୁକୂଳ ଭାରତୀୟ କୃଷି ପାଇଁ ପ୍ରାସଙ୍ଗିକ। ସେଗୁଡିକ ହେଲା ଶୁଷ୍କ ଭୂମି କୃଷି, ଆଶଙ୍କା ସୃଷ୍ଟିକାରୀ ପରିଚାଳନା, ସୂଚନା ଉପଲବ୍ଧି, ଏବଂ ଜୈବକାରିଗରୀ କୌଶଳର ବ୍ୟବହାର।

ରାଜନ: ଆମ ଜଳ ସଂସାଧନ ବିଷୟରେ ଆପଣଙ୍କ ମତ କ'ଣ ?

ମିଶ୍ର: ଆମେ ଜଳସମ୍ପଦକୁ ନଷ୍ଟ କରୁଛେ। ଭୂତଳ ଜଳର ଆମେ ଦୋହନ କରୁଛେ। କିନ୍ତୁ ଏବେ ବର୍ଷାରୁ ମିଳୁଥିବା ଏବଂ ହିମାଳୟର ହିମପ୍ରବାହ ତରଳି ମିଳୁଥିବା ପାଣିର ଉପଯୋଗ କରିପାରିବା। କିନ୍ତୁ ତା'ର ବି ଗୋଟିଏ ବଡ ଅଂଶ ସମୁଦ୍ରରେ ମିଶି ନଷ୍ଟ ହେଉଛି। ମନେହେଉଛି ଯେମିତି ଜଳ ସଞ୍ଚୟ ପ୍ରତି କାହାରି ବି ଚିନ୍ତା ନାହିଁ।

ରତି: ଠିକ କହିଲେ ସାର୍, ସେଥିପାଇଁ ମତେ ଲାଗୁଛି ଭାରତରେ ପିଇବା ପାଣି, କୃଷି ଏବଂ ଅନ୍ୟ ଉଦ୍ୟୋଗ ପାଇଁ ଆବଶ୍ୟକ ପାଣିକୁ ବର୍ଷାଦିନେ ସଞ୍ଚୟ କରି ରଖିବା ଦରକାର। ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଏବଂ ପ୍ରଚେଷ୍ଟା ସହିତ ହଜାର ହଜାର ଚେକ୍ ଡ୍ୟାମ୍ ତିଆରି କରିବା ଦରକାର।

ରାଜନ: ବହୁତ ବଢିଆ ପ୍ରସ୍ତାବ ଡ.ରତି। ଗାଁରେ ବର୍ଷାପାଣି ସଞ୍ଚି ରଖିବାର ପରମ୍ପରା ରହିଛି। କିମ୍ବା ସେମାନେ ନିଜେ ନିଜ ପାଇଁ କୂଅ ପୋଖରୀ ଖୋଳିଥାନ୍ତି।

ମିଶ୍ର: ଏମିତିକି ଜଳବାୟୁ ପରିବର୍ତ୍ତନ ଉପରେ ରାଷ୍ଟ୍ରୀୟ ଯୋଜନା ଜଳ ସଂରକ୍ଷଣ ପାଇଁ ନାଗରିକ ଏବଂ ରାଜ୍ୟର କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିରେ ଅଧିକ ପାଣି ବ୍ୟବହାର ହେଉଥିବା କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି। ପାଣିକୁ ଶତକଡା ୨୦ ଭାଗ କମ୍ ବ୍ୟବହାର କରିବା ପାଇଁ ଚେଷ୍ଟା କରାଯାଉଛି।

ମିଶ୍ର: ଭାରତୀୟଙ୍କ ପାଇଁ ବଡ ଚିନ୍ତା ହେଉଛି ମଣିଷର ସ୍ୱାସ୍ଥ୍ୟ। ବିଶ୍ୱ ଉଷ୍ମାୟନ ଯୋଗୁଁ ମ୍ୟାଲେରିଆ, ଡେଙ୍ଗୁ ଆଦିର ଘଟଣା ବଢୁଛି। ଅଂଶୁଘାତ, ଏବଂ ପିଇବା ପାଣି ଅଭାବରେ ମୃତ୍ୟୁ ବି ହୋଇପାରେ।

ରାଜନ: ଏ ସବୁ ବିଷୟରେ ଆମେ ଏଠି ଗୋଟିଏ ପୋଷ୍ଟର ଲଗେଇଛୁ, ଏଇ ଦେଖନ୍ତୁ।

ରତି: ଗ୍ରାମୀଣ ଭାରତରେ ଶତକଡା ୭୫ ଭାଗ ଲୋକ ରହନ୍ତି। ସେଥିପାଇଁ ସେଠି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଯଥେଷ୍ଟ ପୁଞ୍ଜି ନିବେଶ କରିବା ଦରକାର।

ମିଶ୍ର: ଠିକ କହିଛନ୍ତି ଆପଣ ଡ.ରତି। ଭାରତ ଭଳି ବିକାଶଶୀଳ ଦେଶରେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ କରିବା ପାଇଁ କୌଣସି କଡା ନିୟମ ନାହିଁ।

ରାଜନ: କିନ୍ତୁ ଭାରତରେ ଜଳବାୟୁ ପରିବର୍ତ୍ତନର ସମସ୍ତ ଦିଗ ଆକଳନ କରିବା ପାଇଁ, ବୁଝିବା ପାଇଁ, ଏବଂ ଏଦିଗରେ ଦେଶର ନିୟମ ଓ ନୀତିକୁ ସକ୍ଷମ କରିବା ପାଇଁ ଅନେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ମିଶ୍ର: ମୁଁ ଆପଣଙ୍କ ସହ ଏକମତ। କିନ୍ତୁ ଯଦି ଆମେ ଆଜି ଏସବୁ ପ୍ରଚେଷ୍ଟା ଆରମ୍ଭ କରିବା ତେବେ ସ୍ଥିତି ସମ୍ଭାଳିବା ବେଳକୁ କେତେ ଦଶକ ଚାଲିଯିବ।

ମିତା: ପରିଣାମ ଦେଖିବା ପାଇଁ ଏତେ ଲମ୍ବା ସମୟ ଯାଏଁ ମୁଁ ଆଉ ବଞ୍ଚି ନ ଥିବି।

ଆଦିତ୍ୟ: ଏମିତି କୁହନାହିଁ ମା......

ମିତା: ଆରେ ମୁଁ ତ ଥଟ୍ଟା କରୁଥିଲି, ମୋର ବିଶ୍ୱାସ ତମେ ଆଉ ଡ.ରତିଙ୍କ ଭଳି ଆମର ଯୁବ ପିଢି ନିଶ୍ଚିତ ରୂପରେ ପୃଥିବୀର କ୍ଷତି କରିବେ ନାହିଁ। ତମ ଦୁହିଁଙ୍କ ପାଇଁ ମୁଁ ଗର୍ବୀତ।

ମିଶ୍ର: ଠିକ ଅଛି ଡ.ରାଜନ, ଏବେ ଆମେ ଯିବୁ, ରାତି ୧୧.୩୦ ରେ ଆମର ଫ୍ଲାଇଟ ଅଛି। ତା' ଆଗରୁ ଗେଷ୍ଟହାଉସ ଯାଇ ଟିକେ ବିଶ୍ରାମ ନେବା ଦରକାର।

ରାଜନ: ସାର, ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ। ଆଜି ଆପଣ ଏଠିକୁ ଆସିଲେ ଏବଂ ସମୟ ଦେଲେ ଏହା ଆମ ପାଇଁ ବହୁତ ସମ୍ମାନର କଥା।

ରତି: ନମସ୍କାର ସାର୍, ବାସ୍ତବରେ ଆପଣଙ୍କ ସହ ମିଶି ବହୁତ ଭଲ ଲାଗିଲା। ବହୁତ ଜଲ୍‌ଦି ଦିଲ୍ଲୀରେ ଆପଣଙ୍କ ସହ ଭେଟ ହେବ।

ମିତା: ଆପଣଙ୍କୁ ସ୍ୱାଗତ.......